## • କଠିନ ଶବ୍ଦର ଅର୍ଥ :

ଅନୁକରଣ - ଦେଖି ସେପରି କରିବା
ଚରିତ୍ର - ଆଚରଣ
ନିର୍ମାଣ - ତିଆରି
ଅଭିମୁଖୀନ - ସାମନାସାମନି
ଜ୍ଞାନପିପାସା - ଜାଣିବାର ଇଚ୍ଛା
ଅଗ୍ରସର - ଆଗେଇବା
ଅଂଶତଃ - କିଛି ପରିମାଣରେ
ମାର୍ଗ - ରାସ୍ତା
ନିରୂପଣ - ଠିକ୍ କରିବା
ପ୍ରମାଦପୂର୍ଣ୍ଣ - ଭୟପୂର୍ଣ୍ଣ
ଅବଲମ୍ବନ - ସମ୍ବଳ
ସମୁନ୍ନତ - ଉନ୍ନତ
ହଂସବତ୍ - ହଂସପରି
ସ୍ୱୀୟ - ନିଜର
ଶ୍ରେଷ୍ଠ - ସବୁଠୁଭଲ
ପୁଷ୍ଟ - ପରିପାଳିତ
ଆରୂଢ଼ - ଆରୋହଣ କରିବା
ଚରିତ - ଜୀବନ କଥା
ଛାଞ୍ଚ - ଢାଞ୍ଚା
ଅଧଃପତିତ - ନିମ୍ନମୁଖୀ
ଦୃଷ୍ଟାନ୍ତ - ଉଦାହରଣ
ବଳବତୀ - ବଳୀୟାନ ହେବା
କାଳକ୍ରମେ - ସମୟକ୍ରମେ
ଅନନ୍ତଗ୍ରନ୍ଥ - ଯେଉଁ ଗ୍ରନ୍ଥର ଶେଷ ନାହିଁ

ଗନ୍ତବ୍ୟପଥ - ଲକ୍ଷ୍ୟସ୍ଥଳର ରାସ୍ତାର
ଭ୍ରମ - ଭୁଲ
ପ୍ରଧାନ - ଶ୍ରେଷ୍ଠ
ମହାଜନଯେନ ଗତଃ ସଃ ପନ୍ଥାଃ - ମହତ ପୁରୁଷମାନେ ଯେଉଁ ବାଟ ଦେଖାଇଯାଇଛନ୍ତି, ସେଇ ବାଟରେ ଯିବା
ବିବିଧ - ନାନାରକମ
ସାର - ଶ୍ରେଷ୍ଠ
ଉତ୍କର୍ଷ - ଭଲ
ସ୍ଥୈର୍ଯ୍ୟ - ସ୍ଥିର
ସୋପାନ - ପାହାଚ
ପ୍ରୟୋଜନୀୟତା - ଆବଶ୍ୟକତା
ନବବଳ - ନୂଆବଳ
କିଞ୍ଚିତ - କିଛି
ତଦ୍‌ଗତ - ତା' ଭିତରେ ପଶି
ମହାଭାବ - ମହତ ଭାବନା
ତଦ୍‌ବତ - ସେଇପରି
କର୍ମବୀର - କର୍ମରେ ବିଶ୍ୱାସୀ
ଧର୍ମାତ୍ମା - ଧାର୍ମିକ
ଦୃଢ଼ୀଭୂତ - ଟାଣ
ସର୍ବଗୁଣାଦର୍ଶ - ସବୁଗୁଣର ଆଦର୍ଶ
ଅଦମ୍ୟ - ଦମ୍ ନ ନେଇ
ପ୍ରଭୂତ - ଅନେକ
ତଦୁଦ୍ଦେଶ୍ୟ - ସେଇ ଉଦ୍ଦେଶ୍ୟରେ

| | | | |
|---|---|---|---|
| ପୁରାବୃତ୍ତ | - ପୂର୍ବବୃତ୍ତାନ୍ତ | କର୍ମଶୀଳତା | - କର୍ମଧାରା |
| ବୃତ୍ତାନ୍ତ | - କଥା | ଜୀବନବୃତ୍ତାନ୍ତ | - ଜୀବନ କାହାଣୀ |
| ଅଭିନିବେଶ | - ଭିତରକୁ ପ୍ରବେଶ କରିବା | ବୃତ୍ତି | - ପେଶା |
| | | ସହାୟ | - ସାହାଯ୍ୟ |
| ତଦୀୟ | - ତାଙ୍କର | ଅଧ୍ୟବସାୟ | - ପରିଶ୍ରମ |
| ତତ୍ପ୍ରଦତ୍ତ | - ସେ ଦେଇଥିବା | ଆନୁଷଙ୍ଗିକ | - ସଂପୃକ୍ତ |
| ଯଥାଶକ୍ତି | - ଯଥାସମ୍ଭବ | ରୀତିନୀତି | - ନିୟମକାନୁନ |
| ବିଧେୟ | - ଉଚିତ | ଅଭିଜ୍ଞତା | - ଅନୁଭୂତିଜନିତ ଜ୍ଞାନ |
| ଛାୟା | - ଛାଇ | ପ୍ରଗାଢ଼ | - ଗାଢ, ଗଭୀର |
| ଅବହିତ | - ଜାଣିବା | ଶୈଶବ | - ଶିଶୁ ଅବସ୍ଥା |
| ତେତିକି | - ସେତିକି | ପାଠାନ୍ତେ | - ପାଠ କରିବାପରେ |
| ହୃଦୟଙ୍ଗମ | - ବୁଝିବା | ସମ୍ୟକରୂପେ | - କିଛି ଅଂଶରେ |
| ସଂଶ୍ଲିଷ୍ଟ | - ଲିପ୍ତ | ସର୍ବଦା | - ସବୁବେଳେ |

## ପ୍ରଶ୍ନୋତ୍ତର

### • ଅତିକ୍ଷୁଦ୍ର ଉତ୍ତର ମୂଳକ :

୧। "ଲୋକଚରିତ" ପ୍ରାବନ୍ଧିକଙ୍କର ନାମ କ'ଣ ?

"ଲୋକଚରିତ" ପ୍ରାବନ୍ଧିକଙ୍କ ନାମ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ।

୨। କାରିଗର ଆଗେ ଛାଞ୍ଚଟି ପ୍ରସ୍ତୁତ କରି ପଛେ ତହିଁରେ କ'ଣ ନିର୍ମାଣ କରେ ?

କାରିଗର ଆଗେ ଛାଞ୍ଚଟି ପ୍ରସ୍ତୁତ କରି ପଛେ ତହିଁରେ ନିଜର ଶିଳ୍ପବସ୍ତୁ ନିର୍ମାଣ କରେ ।

୩। ଅଧଃପତିତ ଜାତି କାହାକୁ ଅନୁକରଣ କରେ ?

ଅଧଃପତିତ ଜାତି ଉନ୍ନତ ଜାତିର ଅନୁକରଣ କରି ଆଗକୁ ଅଗ୍ରସର ହୋଇଥାଏ ।

୪। କେଉଁମାନଙ୍କର ଜୀବନ ଆମର ଶିକ୍ଷାସ୍ଥଳ ?

ମହାତ୍ମାମାନଙ୍କର ଜୀବନ ଆମର ଶିକ୍ଷାସ୍ଥଳ ।

୫। ମହାତ୍ମାଙ୍କ ଚରିତ ପାଠକଲେ ମନରେ କି ଭାବ ଆସେ ?

ମହାତ୍ମାଙ୍କ ଚରିତ ପାଠ କଲେ ମନରେ ନବବଳ ଆସେ । ପ୍ରେରଣା ମିଳେ । ଜୀବନ ସମୃଦ୍ଧ ହୁଏ ।

୬। ପ୍ରତ୍ୟେକ ଜୀବନରେ କି କି ଅବସ୍ଥା ରହିଛି ?

ପ୍ରତ୍ୟେକ ଜୀବନରେ ନାନା ପ୍ରକାର ଅଭାବ ଓ ଶିକ୍ଷଣୀୟ ବିଷୟ ଅଛି ।

୭। ଜଣେ ମହାବୀରଙ୍କ ଚରିତ ପାଠ କଲେ ମନରେ କି ଭାବ ଆସେ ?

ଜଣେ ମହାବୀରଙ୍କ ଚରିତ ପାଠ କଲେ ଅପୂର୍ବ ଉତ୍ସାହ ଏବଂ ସାହସ ଆସିଥାଏ ।

୮। କେଉଁ ଗ୍ରନ୍ଥ ଦୁଇଟି ଭାରତୀୟମାନଙ୍କ ଚରିତ୍ରଗଠନରେ ପ୍ରଧାନ ସହାୟକ ହୋଇଛି ?

ରାମାୟଣ ଏବଂ ମହାଭାରତ ଗ୍ରନ୍ଥ ମାଧ୍ୟମରେ ଭାରତୀୟମାନଙ୍କ ଚରିତ୍ର ଗଠନ ହୋଇଛି ।

୯। ଗୋଟିଏ ଜାତି ଅନ୍ୟ ଜାତିର କେଉଁ ଗୁଣକୁ ଗ୍ରହଣ କରିବା ଉଚିତ୍ ?

ଗୋଟିଏ ଜାତି ଅନ୍ୟ ଜାତିର ଶ୍ରେଷ୍ଠ ବା ଶ୍ରେୟ ଗୁଣରାଶି ଗ୍ରହଣ କରି ପୁଷ୍ଟ ଓ ଉନ୍ନତ ହୋଇଥାଏ ।

୧୦। ମହାତ୍ମାମାନଙ୍କର କେଉଁ ମାର୍ଗକୁ ଆମେ ଅନୁସରଣ କରିବା ଉଚିତ୍ ?

ମହାତ୍ମାମାନଙ୍କର ଜୀବନୀ ପାଠ କରି ସେମାନଙ୍କ ପ୍ରଦର୍ଶିତ ମାର୍ଗକୁ ଆମେ ଅନୁସରଣ କରିବା ଉଚିତ ।

୧୧। ଲୋକଚରିତ ପାଠ କେଉଁ ନୀତିର ଅଙ୍ଗ ବିଶେଷ ?

ଲୋକଚରିତ ପାଠ ଶିକ୍ଷାନୀତିର ଅଙ୍ଗ ବିଶେଷ ।

୧୨। ଜ୍ଞାନପିପାସାର ଅର୍ଥ କ'ଣ ?

ଜ୍ଞାନପିପାସାର ଅର୍ଥ ଅଧିକ ଜାଣିବା । ଯିଏ ଯେତିକି ଯେତିକି ଜ୍ଞାନ ଆହରଣ କରେ ସେ ଆହୁରି ସେତିକି ଜାଣିବାକୁ ଆଗ୍ରହ ପ୍ରକାଶ କଲେ ।

## • କ୍ଷୁଦ୍ର ଉତ୍ତର ମୂଳକ :

୧୩। "ଲୋକଚରିତ" ପ୍ରବନ୍ଧ ପାଠରୁ କି ଶିକ୍ଷା ମିଳେ ?

ମହାପୁରୁଷମାନଙ୍କର ଆଦର୍ଶ ଜୀବନଶୈଳୀ, କର୍ମକୁଶଳତା, ସେବା ତଥା ସମାଜ ପ୍ରତି, ମହତ ଦାନକୁ ସ୍ମରଣ କରି ସେଇ ଆଦର୍ଶରେ

ଅନୁପ୍ରାଣିତ ହେବା, ସେମାନଙ୍କ ଚରିତ୍ର, ଆଦର୍ଶ ଓ କର୍ମ ଶୃଙ୍ଖଳତା ଦ୍ୱାରା ଜୀବନକୁ ସମୃଦ୍ଧ କରିବାକୁ ଶିକ୍ଷା ମିଳେ ।

୧୪। ଶିଶୁର ଚରିତ୍ର କିପରି ଗଠିତ ହୁଏ ?

ପିତା, ମାତା ଓ ଗୋଷ୍ଠୀର ଚରିତ୍ର ଘେନି ଶିଶୁର ଚରିତ୍ର ପ୍ରଥମେ ଗଠିତ ହୁଏ ।

୧୫। କାରିଗର କିପରି ଶିଳ୍ପବସ୍ତୁ ନିର୍ମାଣ କରେ ?

କାରିଗର ପ୍ରଥମେ ଛାଞ୍ଚ ପ୍ରସ୍ତୁତ କରି ଏବଂ ତା'ପରେ ସେଇ ଅନୁସାରେ ନିଜର ଶିଳ୍ପ ବସ୍ତୁ ନିର୍ମାଣ କରେ ।

୧୬। ସମୁନ୍ନତ ଦେଶମାନେ କିପରି ଜୀବନର ଉତ୍କର୍ଷ ସାଧନ କରନ୍ତି ?

ସମୁନ୍ନତ ଦେଶମାନେ ବିବିଧ ଲୋକଚରିତ ପାଠକରି ସେଥିରୁ ଶିକ୍ଷାଗ୍ରହଣ ପୂର୍ବକ ନିଜକୁ ଗଢ଼ନ୍ତି ଓ ଜୀବନର ଉତ୍କର୍ଷ ସାଧନ କରନ୍ତି ।

୧୭। ମହାତ୍ମାମାନଙ୍କ ଚରିତ୍ର ମନୁଷ୍ୟ ଜୀବନରେ କିପରି ଉତ୍କର୍ଷ ସାଧନ କରନ୍ତି ?

ମହାତ୍ମାମାନଙ୍କ ଚରିତ୍ର ପାଠକଲେ ନବ ବଳ ଆସେ । ଜ୍ଞାନପିପାସା ବୃଦ୍ଧି ପାଏ । ଭିନ୍ନ ଭିନ୍ନ ମହାତ୍ମାଙ୍କ ଜୀବନୀ ପାଠଦ୍ୱାରା ବିଭିନ୍ନ ମନୋବୃତ୍ତିର ପୁଷ୍ଟି ସାଧିତ ହୁଏ । ଉତ୍ସାହ, ଉଦ୍ଦୀପନା, କର୍ମଶୀଳତା, ଧର୍ମଭାବ, ଜାତହୁଏ ।

୧୮। ମାନବର ଜ୍ଞାନ ପିପାସା କିପରି ବଢ଼ିବାକୁ ଲାଗେ ?

ମାନବର ଜ୍ଞାନ ପିପାସା ଅତି ବଳବତୀ । ସେ ଜ୍ଞାନରାଜ୍ୟରେ ଯେତିକି ଅଗ୍ରସର ହେଉଥାଏ, ଉକ୍ତ ପିପାସା ସେତିକି ବଢ଼ିବାକୁ ଲାଗେ, ଜ୍ଞାନ ମାଧ୍ୟମରେ ଜୀବନର ଅଭାବ ପୂରଣ ହୁଏ । ଅଭାବର ଶେଷ ହୁଏ ନାହିଁ । ପୁଣି ସେଇ ଅଭାବ ପୂରଣ ପାଇଁ ପିପାସା ଜାଗେ ।

୧୯। ଜୀବନର ଅଭାବ ଗୁଡ଼ିକ କିପରି ଦୂର ହୁଏ ?

ଜ୍ଞାନ ଆହରଣ ଦ୍ୱାରା ଜୀବନର ଅଭାବ ପୂରଣ ହୁଏ । ମହାତ୍ମାମାନଙ୍କର ଚରିତ୍ର ଅଧ୍ୟୟନ କରି ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିଲେ ଜୀବନ ସମୃଦ୍ଧ ହୁଏ ଏବଂ ଅଭାବ ପୂରଣ ହୁଏ ।

୨୦। ମହାତ୍ମାମାନଙ୍କର ମାର୍ଗ ଅନୁସରଣ ନ କଲେ ଆମର କ'ଣ କ୍ଷତି ହେବ
ମହାତ୍ମାମାନଙ୍କର ମାର୍ଗ ଅନୁସରଣ ନ କଲେ ଆମେ ନିଜର ଗନ୍ତ
ପଥ ସ୍ଥିର କରିପାରିବୁ ନାହିଁ । ପ୍ରକୃତ ମନୁଷ୍ୟତ୍ୱ ଲାଭକରିପାରିବୁ ନାହିଁ

୨୧। ମହାଜନମାନଙ୍କ ସଂପର୍କରେ ସଂସ୍କୃତରେ କି ଆପ୍ତ ବାକ୍ୟ ଅଛି ?
ସଂସ୍କୃତରେ କୁହାଯାଇଛି ଯେ, "ମହାଜନୋଯେନ ଗତଃ ସ
ପନ୍ଥାଃ ।"

୨୨। ମନୁଷ୍ୟର ବୃତ୍ତିଗୁଡ଼ିକ କିପରି ଦୃଢ଼ୀଭୂତ ହୁଏ ?
ନାନା ପ୍ରକାର ଲୋକଚରିତ ପାଠ ଦ୍ୱାରା ଜୀବନର ଗୋଟି
ଗୋଟିଏ ଅଭାବ ପୂର୍ଣ୍ଣ ହୁଏ ଏବଂ ବାରମ୍ବାର ଆଲୋଚନା ଦ୍ୱାରା ଉ
ବୃତ୍ତିଗୁଡ଼ିକ ଦୃଢ଼ୀଭୂତ ହେଉଥାଏ ।

୨୩। ପଦାର୍ଥଟି କିପରି ସୁଗଠିତ ହୁଏ ?
ଗୋଟିଏ ଛାଞ୍ଚରେ ପଦାର୍ଥଟି ସୁନ୍ଦର ଓ ସୁଗଠିତ ହୋଇଥାଏ ।

୨୪। ଜୀବନୀଗୁଡ଼ିକୁ କିପରି ପାଠ କରିବା ଉଚିତ ?
ଜୀବନୀଗୁଡ଼ିକୁ ପ୍ରଗାଢ଼ ଅଭିନିବେଶ ସହିତ ପାଠ କରିବା ଉଚିତ୍ ।

୨୫। ଜୀବନୀ ପାଠକଙ୍କ ଦୃଷ୍ଟି କିପରି ହେବା ଉଚିତ ?
ଜୀବନୀପାଠକ ଯାହାଙ୍କର ଜୀବନୀ ପାଠକରିବେ ତାକୁ ତୀକ୍ଷ୍ଣ ଦୃଷ୍ଟି
ଦେଇ ଅନୁଶୀଳନ କରିବେ । ଯାହା ଗ୍ରହଣୀୟ, ଶ୍ରେଷ୍ଠ ତାହା ଗ୍ରହଣ କରି
ସେଇ ଅନୁସାରେ ନିଜକୁ ଗଢ଼ିବା ଉଚିତ୍ ।

୨୬। ମହାତ୍ମାମାନଙ୍କର କେଉଁ ମାର୍ଗକୁ ଆମେ ଅନୁସରଣ କରିବା ଆବଶ୍ୟକ ?
ମହାତ୍ମାମାନଙ୍କ ଜୀବନୀ ପଢ଼ି ସେମାନେ ଯେଉଁମାର୍ଗରେ ଯାଇ ମହାନ
ହୋଇଛନ୍ତି ସେଇ ମାର୍ଗକୁ ଆମେ ଅନୁସରଣ କରିବା ଦରକାର ।

## • ନିର୍ଦ୍ଦିଷ୍ଟ ଉତ୍ତର ମୂଳକ :

୨୭। ଠିକ୍ ଉତ୍ତରଟି ବାଛି ଲେଖ ।
ପିତାମାତା ଓ ଗୋଷ୍ଠୀର ଚରିତ୍ର ଘେନି କାହାର ଚରିତ୍ର ପ୍ରଥମେ ଗଠିତ
ହୁଏ ?

(କ) ଛାତ୍ରର (ଖ) ଶିଶୁର
(ଗ) ଯୁବକର (ଘ) ଲୋକର

ଉ. ଶିଶୁର

୨୮। ମହାତ୍ମାମାନେ ସ୍ୱଜୀବନକାଳ ମଧ୍ୟରେ ଅଧ୍ୟବସାୟ ପ୍ରଦର୍ଶନ କରିଯାଇଛନ୍ତି । ଏଠାରେ ଅଧ୍ୟବସାୟର ଅର୍ଥଟି ଲେଖ ।

(କ) ଭଲଭାବେ ପଢ଼ିବା (ଖ) ଅଧ୍ୟୟନ କରିବା

(ଗ) କଠୋର ପରିଶ୍ରମ କରିବା (ଘ) ବ୍ୟବସାୟ କରିବା

ଉ. କଠୋର ପରିଶ୍ରମ କରିବା

୨୯। ପ୍ରକୃତିରୂପୀ ଅନନ୍ତଗ୍ରନ୍ଥ ଯେପରି ଆମ୍ଭମାନଙ୍କର ମହାଶିକ୍ଷାସ୍ଥଳ, ସେଇପରି କେଉଁମାନଙ୍କର ଜୀବନ ଆମ୍ଭମାନଙ୍କର ଗୋଟିଏ ଶିକ୍ଷାସ୍ଥଳ ?

(କ) ବୈଜ୍ଞାନିକ (ଖ) ବୁଦ୍ଧିଜୀବୀ

(ଗ) ମହାତ୍ମା / ମହାପୁରୁଷ (ଘ) ରାଜନେତା

ଉ. ମହାତ୍ମା ବା ମହାପୁରୁଷ

୩୦। ଜଣେ ଧର୍ମାତ୍ମାଙ୍କ ଜୀବନ ବୃତ୍ତାନ୍ତ ପାଠଦ୍ୱାରା କି ଭାବ ଦୃଢ଼ୀଭୂତ ହୁଏ ?

(କ) ବୀର (ଖ) ଉତ୍ସାହ

(ଗ) ସାହସ (ଘ) ଧର୍ମ

ଉ. ଧର୍ମଭାବ

୩୧। 'ଅ' ପୂର୍ବ ପ୍ରତ୍ୟୟ ଥାଇ ବିପରୀତାର୍ଥ ବୋଧକ ପାଞ୍ଚଟି ଶବ୍ଦ ଗଠନ କର ।

ଉଦାହରଣ : ମଣିଷ ଅମଣିଷ

ଏଇପରି ପାଞ୍ଚଟି ଶବ୍ଦ ଲେଖ :

| | |
|---|---|
| ବାଟ | ଅବାଟ |
| ଘାଟ | ଅଘାଟ |
| ସ୍ଥିର | ଅସ୍ଥିର |
| କାଳ | ଅକାଳ |
| ସମୟ | ଅସମୟ |

୩୨। ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) କାରିଗର ଆଗେ ______ ପ୍ରସ୍ତୁତ କରି ପଛେ ତହିଁରେ ନିଜ ଶିଳ୍ପବସ୍ତୁ ନିର୍ମାଣ କରେ । (ନକ୍ସା, ଛାଞ୍ଚ, ରଙ୍ଗ)

(ଖ) ଜଣେ କର୍ମକାରଙ୍କ ଚରିତ ପାଠ କଲେ ______ ବୃଦ୍ଧିପ୍ରାପ୍ତ ହୁଏ ।

(ଶିଥିଳତା, ଧର୍ମଭାବ, କର୍ମଶୀଳତା)

(ଗ) "ଲୋକଚରିତ"ର ଲେଖକ ହେଉଛନ୍ତି ________ ।
(ପଣ୍ଡିତ ନୀଳକଣ୍ଠଦାସ / ପଣ୍ଡିତ ମୃତ୍ୟୁଞ୍ଜୟ ରଥ/ ପଣ୍ଡି
ଗୋଦାବରୀଶ ମିଶ୍ର)

୩୩। ଶୁଦ୍ଧରୂପଟି ବାଛି ପାର୍ଶ୍ୱସ୍ଥ କୋଠରୀ ମଧ୍ୟରେ ଲେଖ ।

(କ) ଆନୁଷଙ୍ଗିକ

(ଖ) ଆନୁସଙ୍ଗିକ  ଆନୁଷଙ୍ଗିକ

(ଗ) ଆନୁଶଙ୍ଗିକ

୩୪। ତଳେ ଦିଆଯାଇଥିବା ଉଦାହରଣ ପ୍ରକାରେ ସରଳ ବାକ୍ୟ ଗୁଡ଼ିକୁ ଲେ
ସେଗୁଡ଼ିକୁ ଯୌଗିକ ବାକ୍ୟରେ ପରିଣତ କରି ଲେଖ ।

(୧) ସରଳବାକ୍ୟ : ସନ୍ଧ୍ୟା ହେବାରୁ ପକ୍ଷୀମାନେ ବସା
ଫେରିଲେ ।

ଯୌଗିକବାକ୍ୟ : ସନ୍ଧ୍ୟା ହେଲା ଏବଂ ପକ୍ଷୀମାନେ ବସା
ଫେରିଲେ ।

(୨) ସରଳବାକ୍ୟ : ସୁଇଟୀ ବଙ୍ଗଳା ବୁଝିଲେ ମ
ଲେଖିପାରେ ନାହିଁ ।

ଯୌଗିକବାକ୍ୟ : ସୁଇଟୀ ବଙ୍ଗଳା ବୁଝେ ମା
ଲେଖିପାରେ ନାହିଁ ।

(୩) ସରଳବାକ୍ୟ : ଅନେକ ଭଲଭଲ ବହି ବ୍ରେଲି ଅକ୍ଷରରେ
ଛପା ହୋଇ ଅନ୍ଧମାନଙ୍କ ପଢ଼ିବା ପା
ସେମାନଙ୍କ ପୁସ୍ତକାଗାରରେ
ରଖାଯାଇଛି ।

ଯୌଗିକ ବାକ୍ୟ : ଅନେକ ଭଲ ବହି ବ୍ରେଲି ଅକ୍ଷରରେ
ଛପା ହୋଇଛି ଏବଂ ଅନ୍ଧମାନଙ୍କ
ପଢ଼ିବା ପାଇଁ ସେମାନଙ୍କ
ପୁସ୍ତକାଗାରରେ ରଖାଯାଇଛି ।

(୪) ସରଳ ବାକ୍ୟ : ଡାକ୍ତରଙ୍କ ଅନେକ ଚେଷ୍ଟା ସତ୍ତ୍ୱେ
ରୋଗୀଟି ବଞ୍ଚିଲା ନାହିଁ ।

| | | |
|---|---|---|
| | ଯୌଗିକ ବାକ୍ୟ : | ଡାକ୍ତରବାବୁ ଅନେକ ଚେଷ୍ଟାକଲେ କିନ୍ତୁ ରୋଗୀଟି ବଞ୍ଚିଲା ନାହିଁ । |
| (୫) | ସରଳବାକ୍ୟ : | ସନ୍ନ୍ୟାସୀରାଜାଙ୍କ ପ୍ରଶ୍ନଗୁଡ଼ିକ ମନଦେଇ ଶୁଣି ମଧ୍ୟ କିଛି କହିଲେ ନାହିଁ । |
| | ଯୌଗିକ ବାକ୍ୟ : | ସନ୍ନ୍ୟାସୀ ରାଜାଙ୍କ ପ୍ରଶ୍ନଗୁଡ଼ିକ ମନଦେଇ ଶୁଣିଲେ କିନ୍ତୁ କିଛି କହିଲେ ନାହିଁ । |

❖❖❖